ପ୍ରମେୟ
THE PRAMEYA

## ୧୮ରେ ଆଇଆଇଟି ଷଷ୍ଠ ସମାବର୍ତ୍ତନ ଉତ୍ସବ

# ଯୋଗ ଦେବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଆସନ୍ତା ୧୮ ତାରିଖରେ ଭୁବନେଶ୍ୱର ଆଇଆଇଟିର ଷଷ୍ଠ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀକ୍ଷାନ୍ତ ଅଭିଭାଷଣ ଦେବେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ଡ. ଏସ୍ ସି ଜମିର୍, କେନ୍ଦ୍ର ପେଟ୍ରୋଲିୟମ୍ ତଥା ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପରେ ରାଷ୍ଟ୍ରପତି ସ୍କିଲ୍ ଡେଭଲପ୍‌ମେଣ୍ଟ ଅଫ୍ ଇଣ୍ଡିଆର ଶିଳାନ୍ୟାସ କରିବେ। ସେହିପରି ମୁମ୍ବାଇସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇସିଟି) ଏବଂ ଇଣ୍ଡିଆନ୍ ଅଏଲର ଓଡ଼ିଶା କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିବେ ବୋଲି କୁଳସଚିବ ଦେବରାଜ ରଥ ସୂଚନା ଦେଇଛନ୍ତି।